## ମୋବାଇଲ ଫାଇନାନ୍ସ ନାମରେ ଠକେଇ ଅଭିଯୋଗ

ଅନୁଗୋଳ,୧୫।୯(ଅମିତ ସାମଲ)

ଅନୁଗୋଳ ଥାନା ଶିକ୍ଷକପଡ଼ା ମୌତ୍ରିନଗରର ଅଞ୍ଚଳର ଅମ୍ବୁଜ କୁମାର ସାହୁ ଠକେଇର ଶିକାର ହୋଇଛନ୍ତି। ଏକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାର ୪ କର୍ମଚାରୀ ଓ ମୋବାଇଲ ଦୋକାନର ୫ କର୍ମଚାରୀ ତାଙ୍କୁ ଠକେଇ କରିଥିବା ଅମ୍ବୁଜ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୪୨୫/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ବିଭୂତି ପ୍ରଧାନ କହିଛନ୍ତି। ପୋଲିସ କହିଛି, ଅମ୍ବୁଜ ଶୀତଲ ପ୍ଲାଜାରେ ଥିବା ଏକ ମୋବାଇଲ୍ ଦୋକାନରୁ ଫାଇନାନ୍ସରେ ମୋବାଇଲ ନେଇଥିଲେ। ହେଲେ ମୋବାଇଲ ଲୋନ ପରିବର୍ତ୍ତେ ବ୍ୟକ୍ତିଗତ ଲୋନ ୩ଲକ୍ଷ ୧୫ ହଜାର ଟଙ୍କା ହୋଇଥିବା ଓଟିପି ଆସିଥିଲା। ଫାଇନାନ୍ସ କର୍ମଚାରୀମାନେ ଏହା ମୋବାଇଲ ଫୋନ ଓଟିପି ବୋଲି କହିଥିଲେ। ଏପରି କି ତାଙ୍କ ଲୋନ୍ କ୍ୟାନସେଲ ହୋଇଯାଇଛି ଓ ୨ କର୍ମଚାରୀଙ୍କ ଚାକିରି ସଙ୍କଟରେ ଅଛି ବୋଲି କହି ଅମ୍ବୁଜଙ୍କ ନିକଟରୁ ୨୮,୮୦୦ ଟଙ୍କା ନେଇଥିଲେ। ତେବେ ଅମ୍ବୁଜ ବ୍ୟକ୍ତିଗତ ଲୋନ କରି ନ ଥିଲେ ମଧ୍ୟ ତାଙ୍କ ଆକାଉଣ୍ଟରେ ଉକ୍ତ ଲୋନ ହୋଇଥିବାରୁ ତାଙ୍କର ସିଭିଲ ଖରାପ ହୋଇଛି। ଅନ୍ୟ ବ୍ୟାଙ୍କରୁ ଲୋନ ମଧ୍ୟ ମିଳୁ ନ ଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

# ବଳରାମ ମନ୍ଦିର, ଯାଉଁଳିପୋଖରୀ ମଠର ହେବ ବିକାଶ


ସିଦ୍ଧ ଶ୍ରୀବଳରାମଜୀଉ ମନ୍ଦିର।


ଯାଉଁଳିପୋଖରୀ ମଠ।

ଢେଙ୍କାନାଳ,୧୫।୯(ରତନ ନାୟାର)

### ରାଜ୍ୟ ସରକାରଙ୍କ ପକ୍ଷରୁ ୨ କୋଟି ୯୨ଲକ୍ଷ ଟଙ୍କା ଲେଖାଏ ପ୍ରଦାନ

ଢେଙ୍କାନାଳର ବହୁ ପ୍ରାଚୀନ ଐତିହ୍ୟ ଶ୍ରୀସିଦ୍ଧ ବଳରାମଜୀଉଙ୍କ ମନ୍ଦିର ଓ ଯାଉଁଳି ପୋଖରୀ ମଠର ଉନ୍ନତୀକରଣ ହେବ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୨କୋଟି ୯୨ଲକ୍ଷ ଟଙ୍କା ଲେଖାଏ ଅନୁଦାନ ପ୍ରଦାନ କରାଯାଇଛି। ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଢେଙ୍କାନାଳ ଗସ୍ତ ସମୟରେ ଏହି ଦୁଇ ଐତିହ୍ୟର ବିକାଶ ପାଇଁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଟିମ୍ ଏହି ଦୁଇଟିଯାକ ପୀଠକୁ ଆସି ଡିପିଆର ପ୍ରସ୍ତୁତ କରିଥିଲେ। ଏହାପରେ ଅନୁଦାନ ପ୍ରଦାନ କରାଯାଇଥିବା ଜିଲାପାଳ ସରୋଜ କୁମାର ସେଠୀ ସୂଚନା ଦେଇଛନ୍ତି।

ରାଜ୍ୟ ସରକାର ପ୍ରଦାନ କରିଥିବା ଅର୍ଥରେ ବଳରାମ ମନ୍ଦିରରେ ବିଭିନ୍ନ ନିର୍ମାଣ କାର୍ଯ୍ୟ, ବିଦ୍ୟୁତୀକରଣ, ହାଇମାଷ୍ଟ ଲାଇଟ, ଶ୍ରଦ୍ଧାଳୁମାନଙ୍କ ପାଇଁ ବସିବା ସ୍ଥାନ, ସାଇନବୋର୍ଡ, ଡଷ୍ଟବିନ୍ ଓ ଅନ୍ୟାନ୍ୟ ଉନ୍ନତୀକରଣ କାର୍ଯ୍ୟ କରାଯିବ। ପୂର୍ତ୍ତ ବିଭାଗ ପକ୍ଷରୁ ଏହି କାର୍ଯ୍ୟ କରାଯିବ। ସୂଚନାଯୋଗ୍ୟ, ଢେଙ୍କାନାଳର ଐତିହ୍ୟ ବଳରାମ ମନ୍ଦିର ୧୫୧୦ରେ ନିର୍ମାଣ ହୋଇଥିଲା। ଏହାର ଉଚ୍ଚତା ୯୦ ଫୁଟ ହୋଇଥିବାବେଳେ ଦ୍ୱାପର ଯୁଗର ମହାପ୍ରଭୁ ବଳରାମ, ଭଉଣୀ ସୁଭଦ୍ରା, ଭାଇ ଶ୍ରୀକୃଷ୍ଣ ଓ ରକ୍ମିଣୀ ମୁଖ୍ୟ ମନ୍ଦିରରେ ପୂଜା ପାଉଛନ୍ତି। ପ୍ରଭୁ ବଳରାମ ପାଷାଣ ହୋଇଥିବାରୁ ରଥାରୁଢ ହୁଅନ୍ତି ନାହିଁ। ମନ୍ଦିର ପରିସରରେ ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ସମେତ ଶିବମନ୍ଦିର, ଶ୍ରୀରାମଙ୍କ ମନ୍ଦିର, ହନୁମାନଙ୍କ ମନ୍ଦିର, ମା' ଲକ୍ଷ୍ମୀଙ୍କ ମନ୍ଦିର ଆଦି ରହିଛି। ସେହିପରି ଯାଉଁଳିପୋଖରୀ ଶ୍ରୀରଘୁନାଥ ଜୀଉ ମଠ ୧୮୫୪ରେ ପ୍ରତିଷ୍ଠା ହୋଇଥିଲା। ଏଠାରେ ଶ୍ରୀରାଧାକୃଷ୍ଣଙ୍କ ଝୁଲଣ ପର୍ବ ପ୍ରତିବର୍ଷ ଅନୁଷ୍ଠିତ ହୋଇଥାଏ। ଏହି ପୀଠରେ ମହାପ୍ରଭୁ ଶ୍ରୀରାମଚନ୍ଦ୍ର, ମାତା ସୀତା, ଲକ୍ଷ୍ମଣଙ୍କ ସମେତ ହନୁମାନ ପୂଜା ପାଇଥାନ୍ତି। ୧୯୭୮ ମସିହାରୁ ଯାଉଁଳି ପୋଖରୀ ମଠ ପରିସରରେ ପ୍ରତିବର୍ଷ ଏକ ବଡଧରଣର ଶ୍ରୀରାମ ଚରିତ ମାନସ ନବାନ୍ନ ପାରାୟଣ ମହାଯଜ୍ଞ ଅନୁଷ୍ଠିତ ହେଉଛି। ତେଣୁ ଏହି ଐତିହ୍ୟର ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ୨କୋଟି ୯୨ଲକ୍ଷ ପ୍ରଦାନ କରାଯାଇଛି। ଏହି ଅର୍ଥରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ସହିତ ବିଦ୍ୟୁତୀକରଣ ଏବଂ ଅନ୍ୟାନ୍ୟ ବିକାଶ କାର୍ଯ୍ୟ କରାଯିବ। ନିର୍ମାଣ କାର୍ଯ୍ୟ ଆରମ୍ଭ ସମ୍ପର୍କରେ ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ କୁମାର ନାୟକ କହିଛନ୍ତି, ବଳରାମ ମନ୍ଦିର ଓ ଯାଉଁଳିପୋଖରୀ ମଠ ପାଇଁ ଅନୁଦାନ ମିଳିଛି। ଏହାର ଉନ୍ନତୀକରଣ କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ଜାରି ରହିଛି।


ଅନୁଗୋଳର ଜଣେ କାରିଗର ବିଶ୍ୱକର୍ମାଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି। (ଫଟୋ-ବୁବୁ)

# 'ଭାରତରତ୍ନ ବିଶ୍ୱେଶ୍ୱରାୟଙ୍କ ଅବଦାନ ଅତୁଳନୀୟ'

ଢେଙ୍କାନାଳ,୧୫।୯(ରତନ ନାୟାର)

ଢେଙ୍କାନାଳ ମହିଷାପାଟସ୍ଥିତ ରେଙ୍ଗାଳି ଦକ୍ଷିଣ ଜଳସେଚନ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଇଞ୍ଜିନିୟର ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ପ୍ରଧାନ ଅଧ୍ୟକ୍ଷତା କରି ଭାରତରତ୍ନ ବିଶ୍ୱେଶ୍ୱରାୟଙ୍କ ସ୍ମୃତିଚାରଣ କରିବା ସହିତ ଇଞ୍ଜିନିୟରିଂ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ସମୟାନୁବର୍ତ୍ତିତା ଏବଂ ସୁସମ୍ପର୍କ ଓ ସମ୍ମିଳିତ ସହଯୋଗରେ ରେଙ୍ଗାଳି ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ସେ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ବିଭାଗର ସମସ୍ତ ଯନ୍ତ୍ରୀ ଓ କର୍ମଚାରୀ ଯୋଗ ଦେଇଥିଲେ।


ଇଞ୍ଜିନିୟର ଦିବସ ପାଳନ କରାଯାଉଛି।

## ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍

ଅନୁଗୋଳ,୧୫।୯(ଅମିତ ସାମଲ)

ଅନୁଗୋଳ ଜିଲା ଗୋପାଳପ୍ରସାଦ ଥାନା ଅଞ୍ଚଳରୁ ଶୁକ୍ରବାର ଜଣେ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ତାଙ୍କଠାରୁ ମୋବାଇଲ ଫୋନ ଏବଂ ଟ୍ୟାବଲେଟ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଯୁବକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଦୁର୍ବୃତ୍ତମାନେ ତାଙ୍କଠାରୁ ଟଙ୍କା ଲୁଟି ପାରି ନ ଥିବା ଜଣାପଡ଼ିଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଦୁର୍ବୃତ୍ତମାନେ ଏପରି ଲୁଟ୍ କରୁଥିଲେ ମଧ୍ୟ ପୋଲିସ ସେମାନଙ୍କୁ ଧରିବାରେ ବିଫଳ ହେଉଛି। ଅଞ୍ଚଳରେ ପାଟ୍ରୋଲିଂ ସହ ତୁରନ୍ତ ଦୁର୍ବୃତ୍ତମାନଙ୍କୁ ଗିରଫ କରିବା ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ଲକ୍ଷ୍ମୀପୂଜା ପୂର୍ବରୁ ସମସ୍ୟା ସମାଧାନ ନିଷ୍ପତ୍ତି

ଢେଙ୍କାନାଳ,୧୫।୯(ରତନ ନାୟାର)

### ପୌରସଂସ୍ଥା ସାଧାରଣ ବୈଠକ

ଢେଙ୍କାନାଳ ପୌର ପରିଷଦର ସାଧାରଣ ବୈଠକ ଶୁକ୍ରବାର ଅପରାହ୍ନ ସାଢେ ୪ଟାରେ ପୌରସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅକ୍ଟୋବର ୨୮ରୁ ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବ ଆରମ୍ଭ ହେଉଥିବାରୁ ଏହାର ଯଥେଷ୍ଟ ପୂର୍ବରୁ ସହରରେ ଥିବା ପ୍ରମୁଖ ସମସ୍ୟାଗୁଡିକ ଚିହ୍ନଟ କରାଯାଇ ସମାଧାନ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ଆଲୋଚନା ହୋଇଥିଲା। ଗତବର୍ଷ ପୂଜାର ଅଳ୍ପଦିନ ପୂର୍ବରୁ ଏ ସଂକ୍ରାନ୍ତରେ ନିଷ୍ପତ୍ତି ହେବା ପରେ ସମସ୍ୟା ସମାଧାନରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। ତେଣୁ ଏସବକୁ ନଜରରେ ରଖି ଚଳିତବର୍ଷ ପୂଜାର ଯଥେଷ୍ଟ ପୂର୍ବରୁ ସମସ୍ୟା ନେଇ ଆଲୋଚନା କରାଯିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ସେହିପରି ସହରସ୍ଥିତ ଟାଉନ ହଲର ଉନ୍ନତୀକରଣ, ଅତ୍ୟାଧୁନିକ ଲାଇବ୍ରେରି ପ୍ରତିଷ୍ଠା, କଲେଜ ବାଇପାସ ଛକଠାରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଉନ୍ନତୀକରଣ ହୋଇଥିବା ପୂର୍ତ୍ତ ବିଭାଗ ରାସ୍ତାରେ ଟ୍ରାଫିକ ନିୟନ୍ତ୍ରଣ ଓ ଦୁର୍ଘଟଣା ରୋକିବା ପାଇଁ ରୋଡ୍ ଡିଭାଇଡର ଲଗାଇବା ଏବଂ ଜାଗା ମିଶନ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ପୌରସଂସ୍ଥା ଅଧ୍ୟକ୍ଷା ଜୟନ୍ତୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାଧାରଣ ବୈଠକରେ ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ଏମ୍‌ପିଙ୍କ ପ୍ରତିନିଧି ରୁଦ୍ରାନ୍ତ ଦଳେଇ, ବିଧାୟକଙ୍କ ପ୍ରତିନିଧି ଅଜୟ କୁମାର ଭଞ୍ଜ, ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ପୌରଯନ୍ତ୍ରୀ ରଶ୍ମିତା ମିଶ୍ରଙ୍କ ସମେତ କାଉନସିଲରମାନେ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।

# ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ

ଢେଙ୍କାନାଳ,୧୫।୯(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ଭାରତୀୟ ଷ୍ଟେଟ ବ୍ୟାଙ୍କ ବେଲଟିକିରି-କାଇମାଟି ଶାଖା ପକ୍ଷରୁ ଶୁକ୍ରବାର ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନାରେ ହିତାଧିକାରୀ ରଞ୍ଜନ ନାୟକଙ୍କୁ ୨ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ରଞ୍ଜନଙ୍କ ସ୍ତ୍ରୀ ପ୍ରତିମା ନାୟକଙ୍କ ମୃତ୍ୟୁ ହୋଇଯାଇଥିବାରୁ ତାଙ୍କର ନୋମିନୀ ଥିବା ରଞ୍ଜନଙ୍କୁ ଶାଖା ପରିଚାଳକ ପ୍ରୀତି ରଞ୍ଜନ ପରିଡା ସ୍ଥାନୀୟ ସରପଞ୍ଚ ବଳଭଦ୍ର ସାମଲଙ୍କ ଉପସ୍ଥିତିରେ ଏହି ସହାୟତା ରାଶି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କ କର୍ମଚାରୀ ଦୀପ୍ତିରଞ୍ଜନ ନାୟକ ଓ ବିଭୂଦତ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ବୀମା ସହାୟତା ରାଶି ପ୍ରଦାନ କରାଯାଉଛି।

# ବସ୍‌ଷ୍ଟାଣ୍ଡ ପରିସର ମନ୍ଦିର ଉଚ୍ଛେଦ ହେବ


ଉନ୍ନତୀକରଣ ହୋଇଥିବା ଆମ ବସଷ୍ଟାଣ୍ଡ।

ଢେଙ୍କାନାଳ,୧୫।୯(ରତନ ନାୟାର)

ଢେଙ୍କାନାଳ ସହରରେ ନୂତନ ଭାବେ ଉନ୍ନତୀକରଣ ହୋଇଥିବା ଆମ ବସ୍‌ଷ୍ଟାଣ୍ଡ ପରିସରରେ ଦୀର୍ଘଦିନ ହେବ ଥିବା ମନ୍ଦିରକୁ ଉଚ୍ଛେଦ କରାଯିବ ବୋଲି ଶୁକ୍ରବାର ଜିଲାପାଳ ସରୋଜ କୁମାର ସେଠୀ ସୂଚନା ଦେଇଛନ୍ତି। ବସ୍‌ଷ୍ଟାଣ୍ଡ ପରିସରରେ କୌଣସି ପ୍ରକାର ଧର୍ମାନୁଷ୍ଠାନ ରହିବ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା ରହିଥିବାରୁ ଏହାକୁ ଉଚ୍ଛେଦ କରାଯିବ। ଉକ୍ତ ମନ୍ଦିର ପ୍ରତିଷ୍ଠା ପାଇଁ ଅନ୍ୟ ଏକ ସ୍ଥାନ ଚିହ୍ନଟ କରି ବସ୍ ମାଲିକ ସଂଘକୁ ଜଣାଇବା ନିମନ୍ତେ ଜିଲାପାଳ ସଦର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମନ୍ଦିରର ଠାକୁରଙ୍କୁ ଅନ୍ୟଏକ ପୀଠରେ ରଖି ପୂଜାର୍ଚ୍ଚନା କରିବା ପାଇଁ ଦେବୋତ୍ତର ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଆମ ବସ୍‌ଷ୍ଟାଣ୍ଡ ସୀମା ମଧ୍ୟରେ ମନ୍ଦିର ଆସୁଥିବାରୁ ଏ ସଂକ୍ରାନ୍ତରେ ବସ୍ ମାଲିକ ସଂଘର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ତ୍ରିପାଠୀ ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ବୈଠକର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ଜିଲାପାଳ ଏହି ସୂଚନା ଦେବା ସହିତ ଆସନ୍ତା ଅକ୍ଟୋବରରେ ଆମ ବସ୍‌ଷ୍ଟାଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହେବ ବୋଲି କହିଥିଲେ। ସେହିପରି ବସ୍‌ଷ୍ଟାଣ୍ଡ ଉନ୍ନତୀକରଣ କାର୍ଯ୍ୟ ପ୍ରାୟ ଶେଷ ହୋଇଥିବା ବେଳେ ବସ୍ ପ୍ରବେଶ ପାଇଁ ଥିବା ରାସ୍ତା ସଂକୁଚିତ ହୋଇ ରହିଥିବାରୁ ଏହିବାଟ ଦେଇ ବସ୍‌ଗୁଡିକ ଷ୍ଟାଣ୍ଡ ମଧ୍ୟକୁ ଯିବାରେ ସମସ୍ୟା ସୃଷ୍ଟି ହେବ ବୋଲି ସଂଘ ଯୁଗ୍ମ ସମ୍ପାଦକ ଜିଲାପାଳଙ୍କୁ ଜଣାଇଥିଲେ। ଉକ୍ତ ରାସ୍ତାକୁ ଅଧିକ ଚଉଡା କରିବା ପାଇ ଖୁବ୍‌ଶୀଘ୍ର ଜବରଦଖଲ ଉଚ୍ଛେଦ କରାଯିବ ବୋଲି ଜିଲାପାଳ କହିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
ACCOUNTANT (Talley)
DATA ENTRY OPERATOR
(Talley & MS Office)
Attend Interview at
NISHAMANI PALACE
Bomikhal, Bhubaneswar-10
On any day.
Ph.No. 7978586205 / 9338554697

ASRIBADA PANCHAKARMA
HERBAL SPA
Female therapist required
Kesarimall, Bhubaneswar
Contact:8926173473

VACANCY
OM Surgical and Chemicals
needs Accountants having knowledge of Tally and Accounting Software, GST returns filling, compliances and minimum requirement of Income Tax, (Salary negotiable).
Send CV at omsurgical@yahoo.co.in
Mob. No.: 9437014935

ସିକ୍ୟୁରିଟି ଗାର୍ଡ଼ ଆବଶ୍ୟକ
ସିକ୍ୟୁରିଟି ଗାର୍ଡ଼ର ବଡ଼ ଧରଣର ନିଯୁକ୍ତି
ଓଡ଼ିଶାର ସବୁ ଜିଲ୍ଲାରେ ନିଯୁକ୍ତି
ଦରମା : ୧୨୦୦୦/- ରୁ ୧୮,୦୦୦/-
ରହିବା ପାଇଁ ଘର, ଖାଇବା ମେସ୍
Real King Security Service
8984433623




# ଆଲୋଚନା ବିଫଳ, ଧାରଣା ଜାରି

କାମାକ୍ଷାନଗର,୧୫।୯(ଅମଜାଦ ଖାନ)

### ■କଙ୍କଡ଼ାହାଡ଼ ବ୍ଲକର ଅନେକ ସ୍କୁଲରେ ତାଲା
### ■ଅନ୍ଧାରରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କଙ୍କଡ଼ାହାଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩ ଦଫା ଦାବିରେ ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ଚଳାଇଥିବା ଆନ୍ଦୋଳନ ଶୁକ୍ରବାର ପଞ୍ଚମ ଦିନରେ ପହଞ୍ଚିଛି। ରାଜ୍ୟ ସରକାର ଏପର୍ଯ୍ୟନ୍ତ ସେମାନଙ୍କ ଦାବିପୂରଣ କରି ନ ଥିବାରୁ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶୁକ୍ରବାର ଗୋଷ୍ଠୀ ଶିକ୍ଷାଅଧିକାରୀ ସାଗର ଟୁଡୁ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ଦାସ, ବିଆରସିସି ବିଶେଶ୍ୱର ମିଶ୍ର ଆନ୍ଦୋଳନରତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଆନ୍ଦୋଳନରୁ ଓହରିଯିବା ପାଇଁ ଦୀର୍ଘ ସମୟ ଧରି ବୁଝାଇଥିଲେ ମଧ୍ୟ ବିଫଳ ହୋଇଛନ୍ତି। ଅନ୍ୟପଟେ ବ୍ଲକର ଅନେକ ସ୍କୁଲରେ ତାଲା ପଡ଼ିଥିବା ଯୋଗୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଛାତ୍ରୀଛାତ୍ରମାନଙ୍କ ପାଠପଢ଼ା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦାବି ପୂରଣ ନ ହେବା ଯାଏ ବିଦ୍ୟାଳୟ ଯିବୁ ନାହିଁ ବୋଲି ଶିକ୍ଷକ ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିବାରୁ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଉଥିବା କୁହାଯାଉଛି। ରାଜ୍ୟ ସରକାର ଶିକ୍ଷକଙ୍କ ୩ ଦଫା ଦାବିକୁ ତୁରନ୍ତ ପୂରଣ କଲେ ସ୍କୁଲ ଖୋଲାଯିବ ବୋଲି କଙ୍କଡ଼ାହାଡ଼ ଶିକ୍ଷକ ମହାସଂଘ ସଭାପତି ଶିବପ୍ରସାଦ ମିଶ୍ର କହିଛନ୍ତି। ଏହି ଧାରଣାରେ ଉପ ସଭାପତି ପ୍ରଫୁଲ୍ଲ କୁମାର ବାରିକ, ସମ୍ପାଦକ ରଞ୍ଜନ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ଦୁଷ୍ମନ୍ତ କୁମାର ଦେହୁରୀ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଜିଲା ସଭାପତି ସୁଦୀପ କୁମାର ମିଶ୍ର, ବ୍ଲକ ସଭାପତି ଅଶୋକ କୁମାର ସାହୁ, ବିରାଶାଳ ସିଆରସିସି ଘନଶ୍ୟାମ ସାମଲ, ଉମେଶ ଚନ୍ଦ୍ର ମହାନ୍ତ, ସଂଯୋଜକ ଭାରତୀ ତ୍ରିପାଠୀଙ୍କ ସମେତ ବ୍ଲକର ୨୭୨ ଜଣ ଶିକ୍ଷୟିତ୍ରୀଶିକ୍ଷକ ସାମିଲ ହୋଇଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୬ ସେପ୍ଟେମ୍ବର ୨୦୨୩



## ସଂକ୍ଷେପରେ

### ଗିରିଦା ଜଙ୍ଗଲରୁ ଚାଲିଛି ଅବାଧ କାଠ ଚାଲାଣ

ବଇଣ୍ଡା,୧୫।୯(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ଅଧୀନ ଆମ୍ବସରମୁଣ୍ଡା ପଞ୍ଚାୟତରେ ଥିବା ଗିରିଦା ଜଙ୍ଗଲରୁ ଅବାଧ କାଠ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟ ଠାରେ ଆମ୍ବସରମୁଣ୍ଡା ଗ୍ରାମବାସୀ ବହୁବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ଆମ୍ବସରମୁଣ୍ଡା ଗ୍ରାମବାସୀ ଜଙ୍ଗଲକୁ ସୁରକ୍ଷା ଯୋଗାଇ ଦେବା ପାଇଁ ଗୁରୁବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି, ଆଠମଲ୍ଲିକ ବନଖଣ୍ଡରେ ଏହି ଜଙ୍ଗଲ ରହିଛି। ହେଲେ କାଠ ଚୋରମାନେ ଅବାଧରେ ଶାଗୁଆନ, ଶାଳ, ପିଆଶାଳ ଆଦି କାଠ କାଟି ବାହାରକୁ ଚାଲାଣ କରୁଛନ୍ତି। ବନ ବିଭାଗର କେତେଜଣ ଅଧିକାରୀଙ୍କୁ ହାତ କରି କାଠ ଚୋରମାନେ ଏହି କାରବାର କରୁଛନ୍ତି। ପୂର୍ବରୁ ଗ୍ରାମବାସୀ ଏ ନେଇ ରେଞ୍ଜ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ବନବିଭାଗର ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ ଆମ୍ବସରମୁଣ୍ଡା ଫରେଷ୍ଟର ଅଞ୍ଜଳି ବେହେରା କୁହନ୍ତି, ଜଙ୍ଗଲକୁ ସୁରକ୍ଷା ଦିଆଯାଉଛି। ସେ ଭଳି କୌଣସି କାଠ ଚାଲାଣ ହେଉନାହିଁ।

# ସହପାଠୀଙ୍କୁ ପଢ଼ାଉଛନ୍ତି ମେଧାବୀ



ଆଠମଲ୍ଲିକ ବ୍ଲକର ଏକ ସ୍କୁଲରେ ସହପାଠୀମାନଙ୍କୁ ଜଣେ ମେଧାବୀ ଛାତ୍ରୀ ପଢ଼ାଉଛନ୍ତି।

### ଆନ୍ଦୋଳନରେ ଶିକ୍ଷୟିତ୍ରୀଶିକ୍ଷକ

ବଇଣ୍ଡା,୧୫।୯(ପରିକ୍ଷିତ ସାହୁ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ଆହ୍ୱାନ କ୍ରମେ ୩ ଦଫା ଦାବି ପୂରଣ ପାଇଁ ଅନୁଗୋଳ ଜିଲା ଆଠମଲ୍ଲିକ ଓ କିଶୋରନଗର ବ୍ଲକର ଶିକ୍ଷୟିତ୍ରୀ ଶିକ୍ଷକମାନେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଚଳାଇଛନ୍ତି। ଏହି ଆନ୍ଦୋଳନରେ ଆଠମଲ୍ଲିକ ବ୍ଲକର ୧୯୩ ବିଦ୍ୟାଳୟର ୫୭୬ ଜଣ ଏବଂ କିଶୋରନଗର ବ୍ଲକର ୧୬୩ ବିଦ୍ୟାଳୟର ୩୫୨ ଶିକ୍ଷୟିତ୍ରୀଶିକ୍ଷକ ସାମିଲ ହୋଇଛନ୍ତି। ଫଳରେ ଏସବୁ ସ୍କୁଲରେ ପାଠପଢା ଗୁରୁତର ପ୍ରଭାବିତ ହୋଇଛି। ଏପରି କି ଅନେକ ସ୍କୁଲରେ ଜଣେ ହେଲେ ବି ଶିକ୍ଷୟିତ୍ରୀ ଶିକ୍ଷକ ନ ଥିବାରୁ ସେଠାରେ ଶିକ୍ଷାଦାନ ଏକ ପ୍ରକାର ଠପ୍ ହୋଇଯାଇଛି। ଏପରି କେତେକ ବିଦ୍ୟାଳୟରେ ସହପାଠୀମାନଙ୍କୁ ମେଧାବୀ ଛାତ୍ରୀଛାତ୍ରମାନେ ପାଠ ପଢାଉଥିବା ଦେଖିବାକୁ ମିଳୁଛି।

ପ୍ରକାଶ ଯେ, ଗତ ୮ ତାରିଖରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଆନ୍ଦୋଳନ ଚଳାଇଥିବାରୁ ଆଠମଲ୍ଲିକ ଓ କିଶୋରନଗର ବ୍ଲକର ସମସ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ୧୩ ତାରିଖରୁ ଶିକ୍ଷୟିତ୍ରୀଶିକ୍ଷକମାନେ ସାମୂହିକ ଛୁଟିରେ ରହିଛନ୍ତି। ଏ ନେଇ ସେମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସାମୂହିକ ଛୁଟିର ନଥିପତ୍ର ପ୍ରଦାନ କରିଛନ୍ତି। ଅନେକ ବିଦ୍ୟାଳୟ ଖୋଲା ରହୁଥିବାବେଳେ କିଶୋରନଗର ବ୍ଲକର ୧୬୧ ବିଦ୍ୟାଳୟରେ ମାତ୍ର ଜଣେ ଲେଖାଏ ଶିକ୍ଷକ ପାଠ ପଢାଇବା ପାଇଁ ଆସୁଥିବା ଜଣାପଡିଛି। ଅନ୍ୟ ଶିକ୍ଷକମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସେହିପରି ଆଠମଲ୍ଲିକ ବ୍ଲକର ଅନେକ ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷକ ଆସି ପଢାଉଥିବାବେଳେ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରମାନେ ସେମାନଙ୍କ ସହପାଠୀଙ୍କୁ ପାଠ ପଢାଉଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ କିଶୋରନଗର ବ୍ଲକ ଶିକ୍ଷକ ସଂଘ ସଭାପତି ଦିଲୀପ ପ୍ରଧାନ ଓ ଆଠମଲ୍ଲିକ ବ୍ଲକ ଶିକ୍ଷକ ସଂଘ ସଭାପତି ପଦ୍ମନାଭ ରାଉତ କହିଛନ୍ତି, ସରକାର ଶିକ୍ଷକଙ୍କ ଦାବିକୁ ନ ମାନିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ।

# ହାତୀ ସହ ସେଲ୍‌ଫି ନେବାକୁ ବଢୁଛି ଉଦ୍ୟମ

### ବୈଠକରେ ଚିନ୍ତା କଲା ପ୍ରଶାସନ, ବନ ବିଭାଗ

ଢେଙ୍କାନାଳ,୧୫।୯(ରତନ ନାୟାର)

ଢେଙ୍କାନାଳ ଜିଲାର ବିଭିନ୍ନ ଜନବସତି ଅଞ୍ଚଳରେ ହାତୀ ଉପଦ୍ରବ ଦିନକୁ ଦିନ ବଢୁଥିବା ବେଳେ ଅନେକ ସମୟରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ପଶିଆସୁଥିବା ହାତୀ ସହ ସେଲ୍‌ଫି ଉଠାଇବାକୁ ଉଦ୍ୟମ କରିବା ଘଟଣାକୁ ନେଇ ଜିଲା ପ୍ରଶାସନ ଓ ବନବିଭାଗ ଚିନ୍ତାବ୍ୟକ୍ତ କରିଛି। ଏ ନେଇ ଶୁକ୍ରବାର ଜିଲା କାର୍ଯ୍ୟାଳୟରେ ଏକ ବୈଠକ ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଖୁବ୍‌ଶୀଘ୍ର ଜିଲା ବନଖଣ୍ଡ ଅଧିକାରୀ, ପୋଲିସ ଏବଂ ବନବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଏହାକୁ ରୋକିବା ପାଇଁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହେବ ବୋଲି ଜିଲାପାଳ କହିଥିଲେ। ପ୍ରକାଶ ଯେ, ହାତୀପଲ ପ୍ରବେଶ କରୁଥିବା ଅଞ୍ଚଳରେ ଥିବା ଯୁବପିଢୀ, ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରୁ କେତେଜଣ ହାତୀପଲଙ୍କ ପଛରେ ଯାଇ ଚିଡେଇବା ଭଳି କାର୍ଯ୍ୟ କରିବା ସହିତ ସେଲଫି ନେବା ଘଟଣା ଦିନକୁ ଦିନ ବଢୁଛି। ସ୍ଥାନୀୟ ବନବିଭାଗ ଅଧିକାରୀ ଓ କର୍ମଚାରୀମାନେ ଯେତେ ବୁଝାଇଲେ ମଧ୍ୟ ଏହାକୁ କେହି ଗୁରୁତ୍ୱ ପ୍ରଦାନ କରୁନାହାନ୍ତି। ପାଲଟା ବନବିଭାଗ କର୍ମଚାରୀ ଓ ଅଧିକାରୀଙ୍କୁ ଗାଳିଗୁଲଜ କରୁଥିବା ଦେଖାଯାଇଛି। ଅତୀତରେ ସେଲଫି ଉଠାଇବାକୁ ଯାଇ ହାତୀ ଆକ୍ରମଣରେ କେତେଜଣ ଗୁରୁତ ହୋଇଥିବା ନଜିର ରହିଛି। ଫଳରେ ଏପରି ଘଟଣାକୁ ନେଇ ବୈଠକରେ ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ଚିନ୍ତାବ୍ୟକ୍ତ କରାଯାଇଥିଲା।



ଯୁବକ ମାନେ ହାତୀ ପାଖକୁ ଯାଇ ରଗାଉଛନ୍ତି।

# ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ବଇଣ୍ଡା,୧୫।୯(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଅଙ୍ଗପଡାରେ ଶୁକ୍ରବାର ଭାଜପା ପକ୍ଷରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶହୀଦ ଦେବାଶିଷ ସେଠୀଙ୍କ ପୀଠଠାରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଅମୃତ କଳସରେ ପ୍ରଥମେ ଦେବାଶିଷଙ୍କ ଘରୁ ମାଟି ସଂଗ୍ରହ କରାଯାଇଥିଲା। ଏହି ଅବସରରେ ଦେବାଶିଷଙ୍କ ପିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଆଠମଲ୍ଲିକର ପୂର୍ବତନ ବିଧାୟକ ସଞ୍ଜୀବ ସାହୁ ଯୋଗ ଦେଇଥିଲେ। ପରେ ବିଭିନ୍ନ ଘରୁ କଳସ ମାଧ୍ୟମରେ ମାଟି ସଂଗ୍ରହ କରାଯାଇଥିଲା। ଭାଜପା ନେତା ହୃଦାନନ୍ଦ ପ୍ରଧାନ, ଅର୍ଜୁନ ପାଣ୍ଡେ, ଭବାନୀ ଜ୍ୟୋତିଷରାୟ, ବଂଶୀଧର ସେଠୀ, ରତ୍ନାକର ପ୍ରଧାନ, ସରୋଜ ସାହୁ, ରମେଶ ଜେନାମଣି, ଅଲେଖ ଭୋଇ, ବିଜୟ ପ୍ରଧାନ, ବିନୟ ବେହେରା, ସନ୍ତୋଷ ପ୍ରଧାନଙ୍କ ସମେତ ବହୁ ଭାଜପା ନେତା ଯୋଗ ଦେଇଥିଲେ।



ଶୋଭାଯାତ୍ରାରେ ସାମିଲ ହୋଇଥିବା ଭାଜପା ନେତାମାନେ।

# ଆଇନ ସେବା ସମ୍ପର୍କରେ ଜାଣିଲେ ଛାତ୍ରୀଛାତ୍ର



କାର୍ଯ୍ୟକ୍ରମରେ ମଞ୍ଚାସୀନ ବିଚାରପତି ଓ ଅନ୍ୟମାନେ।

### ତାଲୁକ ଆଇନ ସେବା ସଚେତନତା ଶିବିର

ଛେଣ୍ଡିପଦା,୧୫।୯(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ସଦର ମହାକୁମାରେ ଥିବା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଶୁକ୍ରବାର ତାଲୁକ ଆଇନ ସେବା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରିରେ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଛେଣ୍ଡିପଦା ଜେଏମ୍‌ଏଫ୍‌ସି କୋର୍ଟର ବିଚାରପତି ଶୁଭଲକ୍ଷ୍ମୀ ପଟ୍ଟନାୟକ, ତାଲୁକ ଆଇନ ସେବା କମିଟି ଆଇନଜୀବୀ ପ୍ରଭାତ କୁମାର ବେହେରା, ଅଜୟ ବେହେରା, ନଗେନ ନନ୍ଦ, ଛେଣ୍ଡିପଦା ଥାନା ଅଧିକାରୀ ଏସ୍‌ଆଇ ରାଜେଶ ଶତପଥୀ, ସରକାରୀ ଓକିଲ ସର୍ବଜିତ ଶ୍ରୀଚନ୍ଦନ (କ୍ୟାଡର), ଶିକ୍ଷା ଓ ପ୍ରଶିକ୍ଷଣର ଅଧ୍ୟକ୍ଷା ମମତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ତାଲୁକ ଆଇନ ସେବା କମିଟି ଜରିଆରେ ମାଗଣା ଆଇନ ସେବା ପାଇଁ ଯୋଗ୍ୟବ୍ୟକ୍ତିଙ୍କୁ ସରକାର ବିନା ଖର୍ଚ୍ଚରେ ଓକିଲ ଯୋଗାଇ ଦେବା, ମକଦ୍ଦମା ଦାଏର, ପରିଚାଳନା ଓ ଅନ୍ତିମ ଫଇସଲା ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ଉପସ୍ଥିତ ବିଚାର ବିଭାଗୀୟ ଅଧିକାରୀମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଛେଣ୍ଡିପଦା ଓକିଲ ସଂଘ ସଭାପତି ନଗେନ ନନ୍ଦ ତାଲୁକୁ ଆଇନ, ମହିଳା ଆଇନ ଓ ପୋକ୍ସ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ସରକାରୀ ଓକିଲ ସର୍ବଜିତ ଶ୍ରୀଚନ୍ଦନ ଫୌଜଦାରି କାର୍ଯ୍ୟବିଧି ସଂହିତାର ବିଭିନ୍ନ ଦଫା, ଏବଂ ସାଇବର କ୍ରାଇମ ଉପରେ ଆଲୋଚନା କରିଥିଲେ। ଏସ୍‌ଆଇ ଶତପଥୀ ପୀଡିତା ମହିଳାମାନେ କିପରି ଥାନାକୁ ଯାଇ ଜିରୋ ଏଫ୍‌ଆର କରିପାରିବେ, ୧୧୨କୁ କଲ୍ କରି ପୋଲିସ ସହାୟତା ନେଇ ପାରିବେ ସେ ନେଇ ସଚେତନ କରିଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷା ମମତା ପ୍ରଧାନ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ବରିଷ୍ଠ ପ୍ରଶିକ୍ଷକ ମଦନ ସୁନ୍ଦର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଶିବିରରେ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ୪ ଦଫା ଦାବି ନେଇ ବିକ୍ଷୋଭ

ଅନୁଗୋଳ,୧୫।୯
(ଅମିତ କୁମାର ସାମଲ)

ଅଲ୍ ଓଡ଼ିଶା ଇପିଏଫ ପେନସନରର୍ସ ଆସୋସିଏଶନ ଅନୁଗୋଳ ଜିଲା ଶାଖା ପକ୍ଷରୁ ୪ ଦଫା ଦାବି ନେଇ ସ୍ଥାନୀୟ ଗାନ୍ଧୀପାର୍କସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସର୍ବନିମ୍ନ ମାସିକ ପେନସନ ୯ ହଜାର ଟଙ୍କା ସହ ମହଙ୍ଗା ଭତ୍ତା ଏବଂ ସମସ୍ତ ଇପିଏଫ ପେନସନଭୋଗୀ ବରିଷ୍ଠ ନାଗରିକଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା ପାଇଁ ଆସୋସିଏଶନ ପକ୍ଷରୁ ଦାବି କରାଯାଇଛି।




ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଗ୍ରେଡ୍ ପେ ବୃଦ୍ଧି ଦାବିରେ ପ୍ରତୀକାତ୍ମକ ପ୍ରତିବାଦ

ଛେଣ୍ଡିପଦା,୧୫।୯(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ବାପୁଜୀ କଲେଜରେ ଏସ୍‌ଏସ୍‌ବି ଅଧ୍ୟାପିକା ଅଧ୍ୟାପକମାନେ ଗ୍ରେଡ୍ ପେ ବୃଦ୍ଧି ଦାବିରେ ପ୍ରତୀକାତ୍ମକ ପ୍ରତିବାଦ କରିଛନ୍ତି। ଓଡିଶା ରାଜ୍ୟ ସିଲେକ୍ସନ ବୋର୍ଡ ଅଧ୍ୟାପକ ସଂଘର ନିଷ୍ପତ୍ତିକ୍ରମେ ବାପୁଜୀ କଲେଜରେ କାର୍ଯ୍ୟରତ ଅଧ୍ୟାପିକା ଅଧ୍ୟାପକମାନେ ଗୁରୁଦିବସଠାରୁ କଳାବ୍ୟାଜ୍ ପରିଧାନ କରିଥିଲେ। ୨୦୧୬ରୁ ୨୦୨୨ ମସିହା ମଧ୍ୟରେ ବୋର୍ଡ ବିଭିନ୍ନ ବେସରକାରୀ ଅନୁଦାନପ୍ରାପ୍ତ କଲେଜ ଗୁଡିକରେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଅଧ୍ୟାପିକା ଅଧ୍ୟାପକଙ୍କୁ ନିଯୁକ୍ତି ଦେଇଛି। ଏହି ବର୍ଗର ଅଧ୍ୟାପିକା ଅଧ୍ୟାପକମାନେ ଦୀର୍ଘ ୭ ବର୍ଷ ହେବ ୫୪୦୦ ଗ୍ରେଡ୍‌ପେ ପାଇଁ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ଏହାର ପ୍ରତିବାଦରେ ଗୁରୁଦିବସଠାରୁ ଓଡିଶା ରାଜ୍ୟ ସିଲେକ୍ସନ ବୋର୍ଡ ଅଧ୍ୟାପକ ସଂଘର ନିଷ୍ପତ୍ତି କ୍ରମେ କଳାବ୍ୟାଜ୍ ପରିଧାନ କରିଥିଲେ। ସଂଘ ପକ୍ଷରୁ ଦିଆଯାଇଥିବା ସମୟସୀମା ମଧ୍ୟରେ ସରକାର କୌଣସି ପଦକ୍ଷେପ ନ ନେବାରୁ ବାପୁଜୀ କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ କଲେଜ ପରିସରରେ ଥିବା ଗାନ୍ଧୀମୂର୍ତ୍ତି ସମ୍ମୁଖରେ ପ୍ରତିବାଦ କରିଥିଲେ। ବାପୁଜୀ କଲେଜର ଅଧ୍ୟାପିକା ଅନ୍ୟା ଅନୁରୂପା, ତପସ୍ୱିନୀ ସାହୁ, ସଂଯୁକ୍ତା ନାଏକ, ପ୍ରଜ୍ଞା ପାଢୀ, ସୁସ୍ମିତା ଷଡ଼ଙ୍ଗୀ, ସୋନାଲି ସିଆଲ, ଅଧ୍ୟାପକ ଉମାକାନ୍ତ ତ୍ରିପାଠୀ, ଦେବାର ରାଣା, କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ।



ପ୍ରତିବାଦରେ ସାମିଲ ହୋଇଥିବା ଅଧ୍ୟାପିକା ଅଧ୍ୟାପକମାନେ।

# ମହେଶ୍ୱର ବ୍ଲକ କଳା ସଂସ୍କୃତି ସଂଘ ନୂତନ ଉପସଭାପତି

କଣିହାଁ,୧୫।୯(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ପଦ ପାଇଁ ଶୁକ୍ରବାର ପବିତ୍ରମୋହନ ସଭାଗୃହରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ କଳାକାର ଦଳର ମୁଖ୍ୟ ଓ ସମର୍ଥକ ସାମିଲ ଥିଲେ। ବରିଷ୍ଠ ଲୋକ କଳା ସଙ୍ଗଠକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ମହେଶ୍ୱର ସାମଲଙ୍କୁ ଉପସଭାପତି ପାଇଁ ପ୍ରସ୍ତାବ ଆଗତ କରିଥିଲେ। ପ୍ରସ୍ତାବକୁ ଶତାଧିକ କଳାକାର ସମର୍ଥନ କରିଥିଲେ। କୌଣସି ପଞ୍ଜୀକୃତ କଳାକାର ପ୍ରତିଦ୍ୱନ୍ଦ୍ୱିତାରେ ଭାଗ ନ ନେବାରୁ ସର୍ବସମ୍ମତିକ୍ରମେ ମହେଶ୍ୱରଙ୍କୁ ଉପସଭାପତି ଭାବେ ମନୋନୀତ କରାଯାଇଥିଲା। କଣିହାଁ ବିଡିଓ ତଥା ବ୍ଲକ କଳା ସଂସ୍କୃତି ସଂଘ ସ୍ଥାୟୀ ସଭାପତି ଦେବଦତ୍ତ ପ୍ରଧାନ, ସମ୍ପାଦକ ତଥା ଏବିଡିଓ ହିମାଂଶୁ ଶେଖର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୂତନ ଉପସଭାପତିଙ୍କୁ କଳାକାର ଦଳର ସମର୍ଥକଙ୍କ ସହିତ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



ନୂଆ ଉପସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ରକାସିଂହାରେ ୪୫ ୟୁନିଟ ରକ୍ତ ସଂଗ୍ରହ

ଅନୁଗୋଳ,୧୫।୯(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଅଁରପାଳ ବ୍ଲକ କୁକୁଡାଙ୍ଗ ପଞ୍ଚାୟତର ରକାସିଂହା ଗ୍ରାମରେ ବିଜୁ ଯୁବ ଜନତା ଦଳ ଓ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୪୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ (ବସୁଧା)ର ଉପଦେଷ୍ଟା ତଥା ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଦୀନେଶ ପ୍ରଧାନ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ଯୁବ ଜନତା ଦଳର ଜିଲା ମିଡିଆ ସଂଯୋଜକ ସୁନିତା ନାଏକ, ଜିଲା ସାଧାରଣ ସମ୍ପାଦକ ସଞ୍ଜୀବ ସାହୁ, ବରିଷ୍ଠ ନେତା ନାରାୟଣ ସାହୁ, ଅଶୋକ ଦାସ ଓ ନବକିଶୋର ନାଏକ ଉପସ୍ଥିତ ଥିଲେ। ବିଜୁ ଯୁବ ଜନତା ଦଳର କୁକୁଡାଙ୍ଗ ପଞ୍ଚାୟତ ସଭାପତି ବିକାଶ ନାଏକଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ବିଜୁ ଯୁବ ଜନତା ଦଳର ଯୁବ ନେତା କ୍ଷୀରୋଦ ଦାସ, ନରେନ୍ଦ୍ର ପ୍ରଧାନ, ସିପୁନ ଦାସ, ନରେଶ ପ୍ରଧାନ, ପ୍ରଦୀପ ନାଏକ ପ୍ରମୁଖ ପରିଚାଳନା କରିଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ୩୦ ଭିନ୍ନକ୍ଷମଙ୍କୁ ସାଇକେଲ ବଣ୍ଟନ



ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ପରିସରରେ ଭିନ୍ନକ୍ଷମମାନଙ୍କୁ ତିନିଚକିଆ ସାଇକେଲ ବିତରଣ କରାଯାଉଛି।

ଛେଣ୍ଡିପଦା,୧୫।୯(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଗୁଜୁରାଟ ଖଣି ବିକାଶ ନିଗମ ଗ୍ରାମବିକାଶ ଟ୍ରଷ୍ଟ ପକ୍ଷରୁ ଭିନ୍ନକ୍ଷମଙ୍କୁ ତିନିଚକିଆ ସାଇକେଲ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କମ୍ପାନୀ ପ୍ରଶାସନ ଯୋଜନା ପରିଚାଳକ ମୁଖ୍ୟ ଓଡିଶା ଜେନେରାଲ ସଞ୍ଜୀବ କୁମାର ଶର୍ମାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲା ପରିଷଦ ସଦସ୍ୟ ପ୍ରଦୀପ ସାହୁ, ଟେଣ୍ଟୁଲୋଇକୋଡାସାହି ସରପଞ୍ଚ ପ୍ରିୟଙ୍କା ସାହୁ, ମାଛକୁଟା ସରପଞ୍ଚ ମନୋଜ ସେଠୀ, ସମିତିସଭ୍ୟ ସୁମନ୍ତ ବେହେରା, ବିଡିଓ ତ୍ରିବିକ୍ରମ କୁମରା ପ୍ରମୁଖ ଯୋଗଥିଲେ। ଅନୁଷ୍ଠାନର ମୁଖ୍ୟ ଶର୍ମା ବ୍ଲକ ଅଞ୍ଚଳରେ ଥିବା ଗରିବ ଓ ଭିନ୍ନକ୍ଷମଙ୍କୁ ଏହି ସାଇକେଲ ଦେବାର ଉଦ୍ଦେଶ୍ୟ ଉପରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛେଣ୍ଡିପଦା, ଟେଣ୍ଟୁଲୋଇ କୋଡାସାହି ଓ ମାଛକୁଟା ପଞ୍ଚାୟତର ୩୦ ଜଣ ଭିନ୍ନକ୍ଷମଙ୍କୁ ତିନି ଚକିଆ ସାଇକେଲ ବଣ୍ଟନ କରାଯାଇଥିଲା। କମ୍ପାନୀ ପକ୍ଷରୁ ବିନୋଦ ଚନ୍ଦ୍ର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୁ ମେହରୋତ୍ରା, ବୀଣାପାଣି ପାଡିଆ, ଅନୁଗୋଳର କାର୍ଯ୍ୟରତ ଆଶିଷନାଥ ଝା, ବୀରେନ୍ଦ୍ର ମହାତୋ, ସିଇଓ ବିରୁପକ୍ଷ ଦୀକ୍ଷିତ, ପ୍ରକଳ୍ପ ପରିଚାଳକ ବ୍ରହ୍ମାନନ୍ଦ ବେହେରା, ଗୋପାଳମଞ୍ଜରୀ ରାଉତ, ଦୀପିକା ପାହି, ବି ବେହେରା, ରଶ୍ମିରଞ୍ଜନ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୨ ଗିରଫ

ବଇଣ୍ଡା,୧୫।୯(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର କିଶୋରନଗର ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ଚୋରା ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ବରପଦର ଗ୍ରାମର ବବିତା ମୁଣ୍ଡା ଏବଂ ଚିନ୍ତାମଣିପୁର ଗ୍ରାମର ଚପଳା ପ୍ରଧାନଙ୍କୁ ଗିରଫ କରାଯାଇଛି। ଏମାନେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ବଇଣ୍ଡା ଅବକାରୀ ଟିମ୍ ଚଢ଼ାଉ କରିଥିଲା।



# ସଚେତନତା, ଯାଞ୍ଚ କଡ଼ାକଡ଼ି ହେଉ ନ ଥିବାରୁ ଅସନ୍ତୋଷ

ଢେଙ୍କାନାଳ,୧୫।୯(ରତନ ନାୟାର)

■ତଥ୍ୟ ମୁତାବକ କାମ କରୁନି ଏନଏଚ୍ଏଆଇ
■ରାସ୍ତାକାର୍ଯ୍ୟ ଦେଖିବାକୁ ୫ ଜଣିଆ ଟିମ୍ ଗଠନ
■ଦୁର୍ଘଟଣା ଦୋଷୀଙ୍କ ବିରୋଧରେ ହେବ କଠୋର କାର୍ଯ୍ୟାନୁଷ୍ଠାନ

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍ଭାବନା ଗୃହରେ ଶୁକ୍ରବାର ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଅଗଷ୍ଟ ମାସ ମଧ୍ୟରେ ଜିଲାରେ ସଡ଼କ ଦୁର୍ଘଟଣାରେ ୧୩୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଗତ ୫ଦିନ ମଧ୍ୟରେ ୫ଜଣଙ୍କ ମୃତ୍ୟୁ ହୋଇଥିବାରୁ ଏହାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସଡ଼କ ସୁରକ୍ଷା ପାଇଁ ସଚେତନତା ଓ ଯାନବାହାନ ଯାଞ୍ଚ କାର୍ଯ୍ୟ ଠିକ୍ ଭାବରେ ହେଉ ନ ଥିବା ଦର୍ଶାଇ ବୈଠକରେ ଅଧ୍ୟକ୍ଷତା କରୁଥିବା ଜିଲାପାଳ ସରୋଜ କୁମାର ସେଠୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ବୈଠକରେ ତଥ୍ୟ ପ୍ରଦାନ କରୁଥିବା ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ତଦନୁଯାୟୀ କାର୍ଯ୍ୟ କରୁ ନ ଥିବା ସଡ଼କ ସୁରକ୍ଷା କମିଟିର ସଭ୍ୟମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ରାସ୍ତା ମରାମତି କାର୍ଯ୍ୟର ଅଗ୍ରଗତି ସଂକ୍ରାନ୍ତରେ ରିପୋର୍ଟ ପ୍ରଦାନ କରିବା ନିମନ୍ତେ ଜିଲାପାଳଙ୍କ ନିର୍ଦ୍ଦେଶରେ ଏକ ୫ଜଣିଆ ଟିମ୍ ଗଠିତ କରାଯାଇଥିଲା।



୫୫ନଂ ଜାତୀୟ ରାଜପଥ।

ଏହି ଟିମ୍ ଆସନ୍ତା ସୋମବାର ବିଭିନ୍ନ ସ୍ଥାନରେ ମରାମତି କାର୍ଯ୍ୟ ପରିଦର୍ଶନ କରି ଫଟୋ ସହ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବ।

ଜାତୀୟ ରାଜପଥରେ ଗଲାବେଳେ ଦୁଇଚକିଆ ଯାନ ଚାଳକମାନେ ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ ବୋଲି ଜିଲାପାଳ କହିଥିଲେ। ଅଧିକ ଜନ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବା ସହ ଜାତୀୟ ରାଜପଥରେ ମଦ୍ୟପ ଓ ବେପରୁଆ ଗାଡ଼ିଚାଳକମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସଡ଼କ ଦୁର୍ଘଟଣାରେ ଯେପରି କେହି ପ୍ରାଣ ନ ହରାନ୍ତୁ ସେଥିପ୍ରତି ସମସ୍ତେ ଯତ୍ନବାନ ଓ ସତର୍କ ହେବାକୁ ସେ କହିଥିଲେ। ରାସ୍ତା କଡରେ ଥିବା ଢାବାଗୁଡ଼ିକରେ ବ୍ୟବସାୟ ପାଇଁ ରାଜପଥ ମଝିରେ ବେଆଇନ ଭାବେ କଟିଂ କରାଯାଇଥିବାରୁ ଏହା ଦୁର୍ଘଟଣା ବଢ଼ିବାର ଅନ୍ୟ ଏକ କାରଣ ବୋଲି ଆଲୋଚନା ହୋଇଥିଲା। ସେହିପରି ଦୁର୍ଘଟଣା ନିମନ୍ତେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କହିଥିଲେ। ପୂଜା ପାର୍ବଣରେ ପ୍ରମୁଖ ରାସ୍ତାଗୁଡ଼ିକ ସଙ୍କୁଚିତ ହେଉଥିବାରୁ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏସ୍‌ପିଙ୍କ ପରାମର୍ଶ କ୍ରମେ ବର୍ତ୍ତମାନ ସୁଦ୍ଧା ୫୫ନଂ. ଜାତୀୟ ରାଜପଥର ଆନନ୍ଦନଗର ମଧ୍ୟଦେଇ ଯାଇଥିବା ରାସ୍ତାର ମରାମତି ହୋଇ ନ ଥିବାରୁ ବୈଠକରେ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ, ଆବଶ୍ୟକ ମରାମତି, ଦୁର୍ଘଟଣା ରୋକିବା ନିମନ୍ତେ ପ୍ରତିକାର ବ୍ୟବସ୍ଥା, ରାସ୍ତାରୁ ଗୋରୁ ହଟାଇବା ଓ ବେପରୁଆ ଗାଡ଼ି ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଗତବର୍ଷ ବେନିୟମ ଭାବେ ଗାଡ଼ି ଚାଳନା ଯୋଗୁ ୨୩୪୪ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଥିବା ବେଳେ ଚଳିତବର୍ଷ ଅଗଷ୍ଟ ସୁଦ୍ଧା ୨୩୪୬ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଛି।

୨୦୨୨ରେ ଜିଲାରେ ୪୬୧ ସଡ଼କ ଦୁର୍ଘଟଣାରେ ୨୦୫ଜଣ ଓ ଚଳିତବର୍ଷ ଅଗଷ୍ଟ ଶେଷ ସୁଦ୍ଧା ୨୬୯ ଦୁର୍ଘଟଣାରେ ୧୩୦ ଜଣଙ୍କ ମୃତ୍ୟୁ ହୋଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର ସୂଚନା ଦେଇଥିଲେ। ୫୫ନଂ ଜାତୀୟ ରାଜପଥର ବିଭିନ୍ନ ଛକ ଏବଂ ଚିହ୍ନଟ ହୋଇଥିବା ବ୍ଲାକସ୍ପଟ୍, ପୂର୍ତ୍ତ ରାସ୍ତା-ଜାତୀୟ ରାଜପଥ ସଂଯୋଗସ୍ଥଳରେ ସୋଲାର ଚାଳିତ ବ୍ଲିଙ୍କର୍ସ ଲଗାଇବା ପାଇଁ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ସେହିପରି ଦୁର୍ଘଟଣା ପ୍ରବଣ ସ୍ଥାନ ଏବଂ ଜାତୀୟ ରାଜପଥ-ଅନ୍ୟ ରାସ୍ତାର ସଂଯୋଗସ୍ଥଳରେ ସାଇନେଜ୍ ଲଗାଇବା ପାଇଁ ଏନ୍ଏଚ୍ଏଆଇକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, କାମାକ୍ଷାନଗର ଉପଜିଲାପାଳ ନାରାୟଣଚନ୍ଦ୍ର ନାୟକ, ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ସମେତ ସଡ଼କ ସୁରକ୍ଷା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

### ୧୭ରେ ମହାପାଟଙ୍କ ବାର୍ଷିକ ପୂଜା

ବଅଁରପାଳ,୧୫।୯(ଉପେନ୍ଦ୍ର ରାଉତ)

ବଅଁରପାଳ ବ୍ଲକ ତୁଳସୀପାଳଠାରେ ଥିବା ଅଧିଷ୍ଠାତ୍ରୀ ଦେବୀ ମା' ମହାପାଟଙ୍କ ବାର୍ଷିକ ପୂଜା ଆସନ୍ତା ୧୭ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ତୁଳସୀପାଳ ଓ ଗଡ଼ସନ୍ତ୍ରୀ ଅଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଛି। ମାଜଣା ପର୍ବ ପରେ ମା'ଙ୍କ ପୂଜାର୍ଚ୍ଚନା କରାଯିବ। ଏଥିପାଇଁ ଉଭୟ ଗ୍ରାମବାସୀଙ୍କ ପକ୍ଷରୁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଢୋଲ ଓ ନିଶାଣ ବାଦ୍ୟରେ ପୂଜା ଅଞ୍ଚଳ ପ୍ରକମ୍ପିତ ହେବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଏହି ପୂଜାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେବା ପାଇଁ ପୂଜା କମିଟି ସଭାପତି ଲୋକନାଥ ମାଝି, ସମ୍ପାଦକ ଭଜମନ ମହାନ୍ତି, ବାଉରୀବନ୍ଧୁ ସାହୁ ପ୍ରମୁଖ ନିବେଦନ କରିଛନ୍ତି।



# ଇପିଏଫ୍ ପେନସନଭୋଗୀଙ୍କ ଧାରଣା

ଢେଙ୍କାନାଳ,୧୫।୯(ରତନ ନାୟାର)

ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ ଢେଙ୍କାନାଳ ଶାଖା ପକ୍ଷରୁ ଶୁକ୍ରବାର ବସ୍‌ଷ୍ଟାଣ୍ଡ ନିକଟସ୍ଥ ଗାନ୍ଧୀପାର୍କ ଠାରେ ୨ ଘଣ୍ଟିଆ ଧାରଣା ଦିଆଯାଇଥିଲା। ସ୍ୱଳ୍ପ ପେନସନଭୋଗୀଙ୍କ ପେନସନକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବୃଦ୍ଧି କରାଯାଇନାହିଁ କି ଏହା ଉପରେ ମହଙ୍ଗାଭତ୍ତା ପ୍ରଦାନ କରାଯାଉନାହିଁ। ତେଣୁ ଏହି ସ୍ୱଳ୍ପ ପେନସନଭୋଗୀମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସାମାଜିକ ମଙ୍ଗଳ ଯୋଜନାରୁ ବଞ୍ଚିତ ହେଉଛନ୍ତି। କେନ୍ଦ୍ର ସରକାର ସର୍ବନିମ୍ନ ପେନସନ ୯ ହଜାର ଟଙ୍କା କରିବା ସହିତ ମହଙ୍ଗାଭତ୍ତା ପ୍ରଦାନ, ରାଜ୍ୟ ସରକାର ପେନସନଭୋଗୀମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହିତ ବୃଦ୍ଧ ବୟସରେ ଚିକିତ୍ସା ସୁବିଧା ଯୋଗାଇଦେବାକୁ ଦାବି କରାଯାଇଥିଲା। ଏହି ଧାରଣାରେ ଢେଙ୍କାନାଳ ଜିଲା ଶାଖା ସଭାପତି ଜ୍ୟୋତି ରଞ୍ଜନ ମହାପାତ୍ର, ଉପସଭାପତି ହୃଦାନନ୍ଦ ପ୍ରଧାନ, ଶରତ କୁମାର ରଥ, ସମ୍ପାଦକ ସଦାଶିବ ମିଶ୍ରଙ୍କ ସମେତ ଜିଲା ସଙ୍ଗଠନର କର୍ମକର୍ତ୍ତାମାନେ ଧାରଣାରେ ସାମିଲ ଥିଲେ।


ଇପିଏଫ୍ ପେନସନଭୋଗୀମାନେ ଧାରଣା ଦେଇଛନ୍ତି।

### ଦୁର୍ଘଟଣାରେ ଶିକ୍ଷକଙ୍କ ମୃତ୍ୟୁ

କାମାକ୍ଷାନଗର,୧୫।୯(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ମହୁଲି ନିକଟରେ ଶୁକ୍ରବାର ଦୁର୍ଘଟଣାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କାମାକ୍ଷାନଗର ଥାନା ରାଇବୋଲ ଗ୍ରାମର ସହଦେବ ବିଶ୍ୱାଳ(୪୫)। ସେ ରାଇବୋଲ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ସହଦେବ ଗୁରୁବାର କୁସୁମୁଯୋଡିରେ ଯାତ୍ରା ଦେଖି ସକାଳେ ଫେରୁଥିବାବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣା ଘଟାଇଥିବା ଗାଡିର କୌଣସି ସନ୍ଧାନ ମିଳିପାରି ନାହିଁ। ଏ ନେଇ କେସ୍ ନଂ.୨୦୫/୨୩ ରେ ଏକ ମାମଲା ରୁଜୁ ହୋଇଛି।

# 'ବିଶ୍ୱରେ ଗଣତନ୍ତ୍ର ସଙ୍କଟଜନକ ସ୍ଥିତିରେ'



ଉତ୍କଳ ପକ୍ଷରୁ ବିଶ୍ୱ ଗଣତନ୍ତ୍ର ଦିବସ ପାଳନ କରାଯାଉଛି।

ଢେଙ୍କାନାଳ,୧୫।୯(ରତନ ନାୟାର)

ଢେଙ୍କାନାଳ ଉତ୍କଳ କାର୍ଯ୍ୟାଳୟ ପରିସରରେ ବିଶ୍ୱ ଗଣତନ୍ତ୍ର ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସର୍ବଭାରତୀୟ ଉତ୍କଳର ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ ଯୋଗଦେଇ ବିଶ୍ୱରେ ଗଣତନ୍ତ୍ର ବର୍ତ୍ତମାନ ସଙ୍କଟଜନକ ସ୍ଥିତି ଦେଇ ଗତି କରୁଥିବା ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସରୋଜ ଶତପଥୀ, ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସମୀର ସାହୁ, ପରିବେଶବିତ୍ ଉପେନ୍ଦ୍ର ରାଉତ ଯୋଗ ଦେଇଥିଲେ। ଉତ୍କଳ ସାଧାରଣ ସମ୍ପାଦକ ବାହାଦୁର ପାଟସାହାଣୀ ସ୍ୱାଗତ ଭାଷଣ ଦେଇ ଭାରତ ବିଶ୍ୱର ସର୍ବଶ୍ରେଷ୍ଠ ଗଣତାନ୍ତ୍ରିକ ରାଷ୍ଟ୍ର ବୋଲି ପ୍ରକାଶ କରିଥିବା ବେଳେ ପ୍ରମୋଦ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉମ୍ବରୁଧର ପଣ୍ଡା, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ବସନ୍ତ କୁମାର ବିଶ୍ୱାଳ, ପ୍ରାକୃତିକ ଚିକିତ୍ସା କେନ୍ଦ୍ରର ପରିଚାଳକ ପୀତବାସ ସାହୁ, ପୂର୍ବତନ କଲେଜ ଅଧ୍ୟକ୍ଷ ବିଶ୍ୱନାଥ ମହାପାତ୍ର, ଦେବୀ ପ୍ରସାଦ ମିଶ୍ର, ବିଚିତ୍ରାନନ୍ଦ ମହାନ୍ତି, ଅବିନାଶ ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପ୍ରତି ପଞ୍ଚାୟତରେ ଗଡ଼ିବ ସଚେତନତା ରଥ

କାମାକ୍ଷାନଗର,୧୫।୯(ସୁଧୀର କୁମାର ପରିଡା)

୧୭ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଯୁବବର୍ଗଙ୍କୁ ଅଗ୍ରିମ ଭାବେ ଅନ୍‌ଲାଇନରେ କିମ୍ବା ବୁଥ୍‌ସ୍ତରୀୟ ଅଧିକାରୀଙ୍କ ସହାୟତାରେ ଭୋଟର୍ ଭାବେ ପଞ୍ଜୀକୃତ କରିବା ପାଇଁ ଶୁକ୍ରବାର କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ରଥ ଶୁଭାରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ରାଜସ୍ୱ ଅଧିକାରୀ ମଦନମୋହନ ଜେନା, ଦୀପକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଂଶୋଧନ କାର୍ଯ୍ୟକ୍ରମ ଫର୍ମ ୬ରେ ନାମ ପଞ୍ଜୀକରଣ କରିବା, ଫର୍ମ ୮ରେ ଭୋଟର୍ ତାଲିକାରେ ଥିବା ତଥ୍ୟର ସଂଶୋଧନ କରିବା, ଫର୍ମ ୭ ନାମବାଦ ଦେବା, ଫର୍ମ ୬ଖ ଭୋଟର୍ ପରିଚୟପତ୍ରକୁ ଆଧାର ସହ ସଂଯୋଗ କରି ଭୋଟର୍ ଅନ୍‌ଲାଇନରେ ଆବେଦନ କରିପାରିବେ ବୋଲି ସେଚତନତା ରଥ ମାଧ୍ୟମରେ ଅବଗତ କରାଯିବ। ଏହି ରଥ କାମାକ୍ଷାନଗର ଉପଖଣ୍ଡର ସମସ୍ତ ପଞ୍ଚାୟତରେ ଗଡ଼ିବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି। ସବ୍ୟସାଚୀ ସେଠୀ, ସବିତା ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ଉପଜିଲାପାଳ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

# ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଆହ୍ୱାନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

କାମାକ୍ଷାନଗର,୧୫।୯(ସୁଧୀର କୁମାର ପରିଡା)

**ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ**

ଢେଙ୍କାନାଳ ଜିଲା କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର କାମାକ୍ଷାନଗର ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ ସମନ୍ୱୟ ରଖି କାର୍ଯ୍ୟ କଲେ ଦଳ ଅଧିକ ସୁଦୃଢ ହୋଇପାରିବ ବୋଲି କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଢେଙ୍କାନାଳ ଏମ୍‌ପି ମେହେଶ ସାହୁ, ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଆଶିଷ ଚକ୍ରବର୍ତ୍ତି, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦେବୀପ୍ରସାଦ ଭୂଟିଆ, ଜିଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, ଭୁବନ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ଏନ୍ଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡା ଅଧ୍ୟକ୍ଷତା କରି ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକ ବିଜେଡି ସଭାପତି ଲଳିତ ସାହୁ, ଭୁବନ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ବିଭିନ୍ନ ପଞ୍ଚାୟତର ଦଳୀୟ ନିର୍ବାଚିତ ଲୋକପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟାପୁଛି ଫାଟୁଆ ରୋଗ

ଢେଙ୍କାନାଳ,୧୫।୯(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତର ଗେଙ୍ଗୁଟିଆ, କେଞ୍ଜୁଆବେରେଣୀ, ପୋଡାଖୁଣ୍ଟିଆ ଗ୍ରାମରେ ଗୃହପାଳିତ ପ୍ରାଣୀମାନଙ୍କୁ ହେଉଥିବା ଫାଟୁଆ ରୋଗ ବ୍ୟାପୁଛି। ଦୁଇମାସ ତଳୁ ଏହି ରୋଗ ବ୍ୟାପିବା ଆରମ୍ଭ କରିଥିଲେ ହେଁ ଏଯାଏ ଗୋରୁ, ଛେଳି, ମେଣ୍ଢାଙ୍କ ଟିକାକରଣ ହୋଇପାରିନାହିଁ। ଚାଷୀ ଗୋବର୍ଦ୍ଧନ ମଲ୍ଲିକ, ପ୍ରକାଶ ଚନ୍ଦ୍ର ମଲ୍ଲିକ, ପଦ୍ମନାଭ ରାଉତଙ୍କ ସମେତ ଅନେକ ଚାଷୀଙ୍କ ଗୋରୁ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଗେଙ୍ଗୁଟିଆ ପଞ୍ଚାୟତର ୫ନମ୍ବର ୱାର୍ଡ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ ଏ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏଯାଏ ପ୍ରତିକାର ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଗରିବ ଚାଷୀମାନେ ବାହାରୁ ପ୍ରାଣୀ ଚିକିତ୍ସକଙ୍କୁ ଡାକି ୫୦୦/୬୦୦ ଟଙ୍କା ଔଷଧ ବାବଦରେ ଖର୍ଚ୍ଚ କରୁଛନ୍ତି।

ଏଠାରେ ଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଅଭିଜ୍ଞ ଚିକିତ୍ସକ ନ ଥିବାରୁ ଓ ଜଣେ ଭେଟେରିନାରି ଟେକ୍ନିସିଆନ୍‌ଙ୍କୁ ୫/୬ ମାସ ହେବ ନିଯୁକ୍ତି ଦିଆଯାଇଥିବାରୁ ଏହି ରୋଗର ନିରାକରଣ ଦିଗରେ ବଳିଷ୍ଠ ପଦକ୍ଷେପ ନିଆଯାଇପାରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ସରକାର ଏହି ସମସ୍ୟାର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ପ୍ରାଣୀ ଚିକିତ୍ସା ବିଭାଗ ଅଧିକାରୀ ଲକ୍ଷ୍ମୀ ନାରାୟଣ ନନ୍ଦ କହିଛନ୍ତି, ଟିକାର ଅଭାବ ରହିଥିଲା। ଖୁବ୍‌ଶୀଘ୍ର ଏହି ଅଞ୍ଚଳରେ ଟିକାକରଣ କରାଯିବା ସହିତ ଫାଟୁଆ ରୋଗର ଚିକିତ୍ସା କରାଯିବ।

# ସୁସ୍ଥ ସମାଜ, ସୁନ୍ଦର ବିଶ୍ୱ ଗଠନ ଲକ୍ଷ୍ୟ

ଢେଙ୍କାନାଳ,୧୫।୯(ରତନ ନାୟାର)

**ତାଳବରକୋଟରେ ସତ୍‌ସଙ୍ଗ ମହା ସମ୍ମିଳନୀ**

ଢେଙ୍କାନାଳ ଜିଲା ସଦର ବ୍ଲକ ତାଳବରକୋଟ ଠାରେ ଡିଭାଇନ ୟୁନିଭରସିଟି ପରିସରରେ ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜୟନ୍ତୀ ଅବସରରେ ସତ୍‌ସଙ୍ଗ ମହା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂହଦେଓ ଓ ରାଜମାତା ସାବିତ୍ରୀ ଦେବୀ, ମୁଖ୍ୟ ଅତିଥି ଭାବେ ଆରଡିସି ସୁରେଶ ଚନ୍ଦ୍ର ଦଳାଇ, ମୁଖ୍ୟବକ୍ତା ଭାବେ ବୈଜ୍ଞାନିକ ଡ. ହରପ୍ରସାଦ ସାହୁ ଓ ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ସରୋଜ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ସତ୍‌ସଙ୍ଗ ହେଉଛି ଏକ ବିଶ୍ୱଶାନ୍ତି। ଏହା ପ୍ରୀତି, ଭାତୃତ୍ୱ, ସଂହତି, ସୁସ୍ଥ ସମାଜ ଗଠନ କରିବାରେ ସହାୟକ ହୋଇଥାଏ। ଆଶା ଓ ଉଦାରତାର ବାଣୀ ସଞ୍ଚାରିତ କରି ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠାର ମାର୍ଗ ଉନ୍ମୋଚିତ କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ତାଳବରକୋଟ ସବୁଜିମା ଘେରା ଦେବଭୂମି ଦେଓରଗଡି ପାହାଡ ଚୂଡାରେ ଶ୍ରୀଶ୍ରୀ ଅନୁକୂଳଚନ୍ଦ୍ରଙ୍କ ବିଗ୍ରହକୁ ଅଗଣିତ ଭକ୍ତ ଦର୍ଶନ କରିଥିଲେ। ମହାବୀର ପ୍ରସଦ ତ୍ରିପାଠୀ ଉତ୍ସବରେ ପୌରୋହିତ୍ୟ କରିଥିବା ବେଳେ ପ୍ରକାଶ କୁମାର ରାଉତ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଗୁରୁଚରଣ ନାୟକ ସତ୍ୟାନୁସରଣ, ସନାତମ ମହାନ୍ତି, ତହସିଲଦାର ସୁଧାଂଶୁ କୁମାର ସାଓ, ଅକ୍ଷୟ କୁମାର ନାୟକ, ଭିକାରୀ ଚରଣ ରାଉତ, ଜିତେନ୍ଦ୍ର କୁମାର ଜେନା, ଜୟକୃଷ୍ଣ ଜେନା, ସାଧୁ ସଦାନନ୍ଦ ବାବା, ବିଶ୍ୱପ୍ରିୟ ପଟ୍ଟନାୟକ, ଖାଁ ଜୁଲଫତ ଅଲ୍ଲୀ, ଅର୍ଜୁନ ରାଉତ, ଧ୍ରୁବ ଚରଣ ଜେନା, ହେମନ୍ତ କୁମାର ଜେନା ଏବଂ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।


ସତ୍‌ସଙ୍ଗ ମହା ସମ୍ମିଳନୀରେ ଅତିଥି ଓ କର୍ମକର୍ତ୍ତା ବୃନ୍ଦ।

# ରୂପାନ୍ତରଣ ହେବ ଗ୍ରାମାଞ୍ଚଳର ସବୁ କଲେଜ


ବୈଠକରେ ଜିଲାପାଳଙ୍କ ସମେତ ଅଧିକାରୀ ଓ କଲେଜ ଅଧ୍ୟକ୍ଷମାନେ।

ଢେଙ୍କାନାଳ,୧୫।୯(ରତନ ନାୟାର)

ଢେଙ୍କାନାଳ ଜିଲାରେ ଥିବା ଗ୍ରାମାଞ୍ଚଳର ସମସ୍ତ ମହାବିଦ୍ୟାଳୟ ରୂପାନ୍ତରିତ ହେବ। ଏଥିନିମନ୍ତେ ଶୁକ୍ରବାର ଜିଲା କାର୍ଯ୍ୟାଳୟ ସଦ୍ଭାବନା ଗୃହରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ଗ୍ରାମାଞ୍ଚଳରେ ଥିବା ପ୍ରତ୍ୟେକ ମହାବିଦ୍ୟାଳୟର ରୂପାନ୍ତୀକରଣ ପାଇଁ ୧୦ରୁ ୧୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯିବ। ଏହି ଅର୍ଥରେ ଆବଶ୍ୟକ ସ୍ଥଳେ ଇ-ଲାଇବ୍ରେରି, ସ୍ମାର୍ଟ କ୍ଲାସରୁମ୍, ଖେଳପଡିଆ ପ୍ରସ୍ତୁତି, କ୍ରୀଡ଼ା ଉପକରଣ କ୍ରୟ, ଶ୍ରେଣୀ ଗୃହ ମରାମତି, ଚାରା ରୋପଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯିବ। ଗ୍ରାମାଞ୍ଚଳ ମହାବିଦ୍ୟାଳୟଗୁଡିକର ସାମଗ୍ରିକ ବିକାଶ ଓ କାର୍ଯ୍ୟ ତଦାରଖ ପାଇଁ ମନିଟରିଂ କମିଟି ଗଠନ କରିବା ନିମନ୍ତେ ଜିଲାପାଳ ସମସ୍ତ କଲେଜ ପ୍ରିନ୍ସିପାଲଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ଶିକ୍ଷାଦାନ ସହିତ ପିଲାମାନଙ୍କ ଚରିତ୍ର ଗଠନ, ନୈତିକ ଶିକ୍ଷାଦାନ ଓ ସବୁଜିମା ପରିବେଶ ଉପରେ ଅଧିକ ଧ୍ୟାନ ଦେବା ପାଇଁ ଗୁରୁତ୍ୱ ପ୍ରଦାନ କରିଥିଲେ। ଚାରାରୋପଣ ଓ ସୌନ୍ଦର୍ଯ୍ୟକରଣ ଆଦି କାର୍ଯ୍ୟରେ ଛାତ୍ରୀଛାତ୍ରମାନଙ୍କୁ ସାମିଲ କରିବା ପାଇଁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ସମସ୍ତ ପ୍ରିନ୍ସିପାଲଙ୍କୁ କହିଥିଲେ। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରା, କାମାକ୍ଷାନଗର ଉପଜିଲାପାଳ ନାରାୟଣଚନ୍ଦ୍ର ନାୟକ, ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ସମସ୍ତ ମହାବିଦ୍ୟାଳୟ ପ୍ରିନ୍ସିପାଲ ଉପସ୍ଥିତ ଥିଲେ।

